# ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ

SIDAC

**ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ , ଓଡ଼ିଶା ସରକାର**

**ବିଜ୍ଞାପନ ସଂଖ୍ୟା: ୨୮୯୪** **ତାରିଖ: ୧୩-୧୨-୨୦୨୧**

## ଏକାମ୍ର ହାଟ, ଭୁବନେଶ୍ୱର ରେ ଷ୍ଟଲ ଆବଣ୍ଟନ ନିମନ୍ତେ ଆବେଦନ

ରାଜ୍ୟର ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାର ମାନଙ୍କ ଠାରୁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ବିକ୍ରୟ ଓ ପ୍ରଦର୍ଶନ ନିମନ୍ତେ ଏକାମ୍ର ହାଟରେ ଦୁଇ ମାସିଆ ଷ୍ଟଲ ଆବଣ୍ଟନ ପାଇଁ ଏପ୍ରିଲ ୨୦୨୨ ଠାରୁ ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ମୋଟ ୬ଟି ଅବଧି ସମୟ ପାଇଁ ନିର୍ଦ୍ଦିଷ୍ଟ ଆବେଦନ ପତ୍ରରେ ଦରଖାସ୍ତ ଆହ୍ୱାନ କରାଯାଉଛି। ସବିଶେଷ ତଥ୍ୟ, ସର୍ତ୍ତାବଳୀ ତଥା ଆବେଦନ ପତ୍ର ତା ୧୪-୧୨-୨୦୨୧ ପର ଠାରୁ ୱେବସାଇଟ www.sidacodisha.org.in ରେ ଉପଲବ୍ଧ ହେବ । ଆଗ୍ରହୀ ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାର ମାନେ ନିଜର ସୁବିଧା ମୁତାବକ ସର୍ବନିମ୍ନ ୧ଟି ଓ ସର୍ବାଧିକ ୬ଟି ଅବଧି ପାଇଁ ଆବେଦନ କରି ପାରିବେ। ପୂରଣ ହୋଇଥିବା ଆବେଦନ ପତ୍ର ଏବଂ ଆବଶ୍ୟକୀୟ ଦସ୍ତାବିଜ ଆସନ୍ତା ତା ୧୩-୦୧-୨୦୨୨ ରିଖ ସନ୍ଧ୍ୟା ୫.୦୦ ସୁଦ୍ଧା , ନିଜ ଜିଲ୍ଲାର ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ / ବୟନଶିଳ୍ପଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। କର୍ତ୍ତୃପକ୍ଷ ବିନା କୌଣସି କାରଣ ଦର୍ଶାଇ ନିର୍ଦ୍ଦିଷ୍ଟ କିମ୍ବା ସମସ୍ତ ଆବେଦନ କୁ ଗ୍ରହଣ ଅଥବା ପ୍ରତ୍ୟାଖ୍ୟାନ କରିପାରିବେ।

**ସଭ୍ୟ ସଚିବ**

# ଷ୍ଟଲ ଆବଣ୍ଟନ ନିମନ୍ତେ ନିୟମ ଏବଂ ସର୍ତ୍ତାବଳୀ(ହସ୍ତଶିଳ୍ପ/ହସ୍ତତନ୍ତ), ଏକାମ୍ର ହାଟ, ଭୁବନେଶ୍ୱର

| | |
|---|---|
| ୧। | ଏକାମ୍ର ହାଟ, ଭୁବନେଶ୍ୱରରେ ଷ୍ଟଲ ପାଇବା ପାଇଁ ଦରଖାସ୍ତକାରୀ ଆବଶ୍ୟକୀୟ ପ୍ରମାଣପତ୍ରର ନକଲ ସହିତ ନିର୍ଦ୍ଦିଷ୍ଟ ଆବେଦନ ଫର୍ମରେ ସଂପୂର୍ଣ୍ଣ ବିବରଣୀ ପୂରଣ କରି ଆବେଦନ କରିବେ । |
| ୨। | ହସ୍ତଶିଳ୍ପ ପାଇଁ ୨୮ ଟି ଷ୍ଟଲ ଓ ହସ୍ତତନ୍ତ ପାଇଁ ୧୪ ଟି ଷ୍ଟଲ ଆବଣ୍ଟନ ପାଇଁ ଚିହ୍ନିତ ହୋଇଛି । ସେହିପରି ୮ଟି କୋଣ ଯାଗା କଳା ପ୍ରଦର୍ଶନ ଏବଂ ବିକ୍ରୟ ନିମନ୍ତେ ଆବଣ୍ଟନ କରାଯିବ । |
| ୩। | କେବଳ ଓଡିଶାର ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ବିକ୍ରୟ ନିମନ୍ତେ ଓଡିଶାର କାରିଗର ଓ ବୁଣାକାରମାନଙ୍କୁ ଷ୍ଟଲ ଯୋଗାଇ ଦିଆଯିବ । ଏଥିରେ ବ୍ୟତିକ୍ରମ ହେଲେ ଆବଣ୍ଟନ ରଦ୍ଦ ଏବଂ ସଂସ୍ଥା / ପ୍ରାର୍ଥୀ କଳା ତାଲିକାଭୁକ୍ତ ହୋଇପାରେ । କାରିଗର / ବୁଣାକାର ପରିଚୟ ପ୍ରମାଣ ନିମନ୍ତେ ଦରଖାସ୍ତକାରୀ ନିମ୍ନୋକ୍ତ ମଧ୍ୟରୁ କୌଣସି ଗୋଟିଏ ଦାଖଲ କରିବାକୁ ପଡିବ ।<br>କ) ବିକାଶ ଆୟୁକ୍ତ(ହସ୍ତଶିଳ୍ପ) ଙ୍କ ଦ୍ୱାରା ପ୍ରଦତ୍ତ କାରିଗର ପରିଚୟ ପତ୍ର ।<br>ଖ) ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ / ସିଡାକ ଦ୍ୱାରା ପ୍ରଦତ୍ତ ତାଲିମର ପ୍ରମାଣ ପତ୍ର ।<br>ଗ) ଜିଲାସ୍ତରୀୟ ଅଧିକାରୀ ଯଥା ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କର ସୁପାରିଶ ପତ୍ର ।<br>ଘ) ଭାରତ ସରକାରଙ୍କ / ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବୁଣାକାର ପ୍ରମାଣ ପତ୍ର ।<br>ଙ) ବୟନଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ପ୍ରଦତ୍ତ ତାଲିମର ପ୍ରମାଣ ପତ୍ର ।<br>ଚ) ଜିଲାସ୍ତରୀୟ ଅଧିକାରୀ ଯଥା ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକଙ୍କ ସୁପାରିଶ ପତ୍ର ।<br>ଛ) ଉତ୍କଳିକା, ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ, ଅମ୍ଳାନ ପରି ବ୍ୟାପାରିକ ସଂସ୍ଥା ସହିତ ତାଲିକାଭୁକ୍ତ ହୋଇଥିବା ପ୍ରମାଣପତ୍ର । |
| ୪। | ଷ୍ଟଲ ଆବଣ୍ଟନ ପ୍ରକ୍ରିୟା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଗଠିତ ହୋଇଥିବା ଏକ କମିଟି ଦ୍ୱାରା କରାଯିବ ଏବଂ ଏହି କମିଟିର ନିଷ୍ପତ୍ତି ଚୁଡାନ୍ତ ଓ ବାଧ୍ୟତାମୂଳକ ବୋଲି ଗ୍ରହଣ କରାଯିବ। |
| ୫। | ଯୋଗ୍ୟ ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାରମାନଙ୍କ ନିମନ୍ତେ ଷ୍ଟଲ ଆବଣ୍ଟନ ପକ୍ରିୟା ଲଟେରୀ ମାଧ୍ୟମରେ କରାଯିବ । ଜାତୀୟ/ରାଜ୍ୟ ପୁରସ୍କାର ପ୍ରାପ୍ତ ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାର ତଥା ହସ୍ତଶିଳ୍ପ ଓ ହସ୍ତତନ୍ତ କାର୍ଯ୍ୟ କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଷ୍ଟଲ ଆବଣ୍ଟନର ଚୟନ ପକ୍ରିୟାରେ ଅଗ୍ରାଧିକାର ଦିଆଯିବ । |
| ୬। | ଭିନ୍ନକ୍ଷମ କାରିଗର/ବୁଣାକାର ତଥା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ୫% ସଂରକ୍ଷଣ ବ୍ୟବସ୍ଥା ଉଦ୍ଦିଷ୍ଟ। ଉକ୍ତ ବର୍ଗର ଦରଖାସ୍ତକାରୀ ଅଭାବେ ଏହି ସଂରକ୍ଷିତ ଷ୍ଟଲ ଅନ୍ୟ ଆବେଦନକାରୀଙ୍କୁ ଆବଣ୍ଟନ କରାଯିବ । |
| ୭। | ନୂତନ ଜ୍ଞାନ କୌଶଳକୁ ଉତ୍ସାହିତ ନିମନ୍ତେ ତଥା ହସ୍ତକଳା ଓ ହସ୍ତତନ୍ତ ସାମଗ୍ରୀ ଗୁଡିକର ନୂତନ ନମୁନା ପ୍ରଦର୍ଶନ ଓ ବିକ୍ରି ପାଇଁ ଦୁଇ ଗୋଟି ଷ୍ଟଲ ସଂରକ୍ଷିତ ରଖାଯାଇଛି । |

| | |
|---|---|
| ୮। | ଷ୍ଟଲ ଆବଣ୍ଟନରର ସମୟ ସୀମା କେବଳ ଦୁଇମାସ ପାଇଁ । ମାତ୍ର ଜଣେ ଏକ ମାସ ପାଇଁ ମଧ୍ୟ ଷ୍ଟଲ ନେଇ ପାରିବେ। ଏପରିସ୍ଥଳେ ଆବଣ୍ଟନଗ୍ରାହୀ ଯଦି ଆଉ ଏକ ମାସ ପାଇଁ ଷ୍ଟଲ ଚାହାଁନ୍ତି, ଅବଧି ଶେଷ ହେବାର ୧୫ ଦିନ ଆଗରୁ ହାଟ ଅଧିକାରୀଙ୍କୁ ଆବେଦନ କରି ଜଣାଇବେ । କିନ୍ତୁ ଷ୍ଟଲ ଗ୍ରହଣର ଅବଧି ଦୁଇମାସ ଠାରୁ ଅଧିକା ହୋଇପାରିବ ନାହିଁ । |
| ୯। | ଷ୍ଟଲ ଆବଣ୍ଟନ ପାଇଁ ଏପ୍ରିଲ୍, ୨୦୨୨ ରୁ ମାର୍ଚ୍ଚ ୨୦୨୩, ଏହି ଏକ ବର୍ଷ ସମୟକୁ ୬ ଟି ୨ ମାସିଆ ଅବଧିରେ ଭାଗ କରାଯାଇଛି । ଆବେଦନକାରୀ ଦରଖାସ୍ତ ଫର୍ମରେ ଦର୍ଶାଯାଇଥିବା ଏହି ୬ଟି ଅବଧିରୁ ନିଜ ପସନ୍ଦ ମୁତାବକ ଅତିକମରେ ୧ ଟି ଏବଂ ଅତିବେଶିରେ ୬ ଟି ଅବଧି ଚୟନ କରି ଏହାର ଦକ୍ଷିଣ ପାର୍ଶ୍ୱରେ ଥିବା କୋଠରୀରେ ଠିକ୍ ଚିହ୍ନ (✓)ଦେଇ ଉଲ୍ଲେଖ କରିବେ । |
| ୧୦। | ଷ୍ଟଲ ଭଡା ପର୍ଯ୍ୟଟନ ଋତୁ ପାଇଁ (ଅକ୍ଟୋବର ଠାରୁ ମାର୍ଚ୍ଚ) ମାସିକ ୨୦୦୦ /- ଟଙ୍କା ଏବଂ ଅବଶିଷ୍ଟ ଋତୁ ପାଇଁ (ଅପ୍ରେଲ ଠାରୁ ସେପ୍ଟେମ୍ବର ) ୧୫୦୦/- ଟଙ୍କା ଧାର୍ଯ୍ୟ କରାଯାଇଛି । ସର୍ବନିମ୍ନ ବିଦ୍ୟୁତ ଦେୟ ପଇଠ କରିବାକୁ ପଡିବ ନାହିଁ ମାତ୍ର, ଅଧିକ ଆଲୋକ ସାଜସଜା ପାଇଁ ଆବଣ୍ଟନଗ୍ରାହୀ ନିଜ ହାତରୁ ଖର୍ଚ୍ଚ କରିବେ । |
| ୧୧। | ଆବଣ୍ଟନଗ୍ରାହୀଙ୍କୁ ଅଗ୍ରୀମ ଦୁଇ ମାସର ଷ୍ଟଲ ଭଡା ଦାଖଲ କରିବାକୁ ପଡିବ। ଯଦି ସେ ଗୋଟିଏ ମାସ ପାଇଁ ଆବେଦନ କରିଥାନ୍ତି ତେବେ ସେ ଗୋଟିଏ ମାସ ପାଇଁ ଅଗ୍ରୀମ ଭଡା ଦାଖଲ କରିବାକୁ ପଡିବ । |
| ୧୨। | ଏହା ବ୍ୟତିରେକ ପ୍ରତ୍ୟେକ ଆବଣ୍ଟନ ଗ୍ରାହୀଙ୍କୁ ୫୦୦୦/- ଟଙ୍କା ଫେରସ୍ତଯୋଗ୍ୟ ଅମାନତ ରାଶି ଦାଖଲ କରିବାକୁ ପଡିବ। ଯାହାକି ଚୁକ୍ତିନାମା ମୁତାବକ ସମସ୍ତ ସର୍ତ୍ତାବଳୀ ପୂରଣ କରିଥିଲେ ଆବଣ୍ଟନ କାର୍ଯ୍ୟକାଳ ସମାପ୍ତ ପରେ ତାଙ୍କୁ ଫେରସ୍ତ କରାଯିବ । ଷ୍ଟଲ ଆବଣ୍ଟନ ସୂଚନା ପାଇବାର ଦୁଇଦିନ ମଧ୍ୟରେ ଦରଖାସ୍ତକାରୀ (କାରିଗର / ବୁଣାକାର ) ଉପରୋକ୍ତ ଅର୍ଥ ଦାଖଲ କରିବେ । ଷ୍ଟଲ ଭଡା ଓ ଅମାନତ ରାଶି ଦାଖଲ କରିବାରେ ଅକୃତକାର୍ଯ୍ୟ ହେଲେ ଷ୍ଟଲ ଆବଣ୍ଟନକୁ ରଦ୍ଦ କରିଦିଆଯାଇ ପ୍ରତୀକ୍ଷା ତାଲିକା (waiting list)ରେ ଥିବା ଅନ୍ୟ କାରିଗର / ବୁଣାକାରମାନଙ୍କୁ ଦିଆଯିବ । ସମସ୍ତ ଦେୟ ଦାଖଲ କରିସାରିବାର ଦିନକ ମଧ୍ୟରେ ଆବଣ୍ଟନଗ୍ରାହୀ ଷ୍ଟଲଟିକୁ ନିଜ ଦଖଲକୁ ନେଇ ବିକ୍ରୟ ଆରମ୍ଭ କରିବାକୁ ହେବ। ଏଥିରେ ବ୍ୟତିକ୍ରମ ହେଲେ ଅମାନତ ରାଶିର ୫୦% ଅର୍ଥ ଜୋରିମାନା ନ୍ୟସ୍ତ କରାଯିବ। |
| ୧୩। | ଜଣେ ପୂର୍ବ ଆବଣ୍ଟନଗ୍ରାହୀ ଷ୍ଟଲ ଖାଲି କରିବା ସମୟ ଏବଂ ନୂତନ ଆବଣ୍ଟନଗ୍ରାହୀ ଷ୍ଟଲ ଦଖଲକୁ ନେବା ସମୟ ମଧ୍ୟରେ ଗୋଟିଏ ଦିନ ବ୍ୟବଧାନ ରହିବ । |
| ୧୪। | ଷ୍ଟଲ ଆବଣ୍ଟନଗ୍ରାହୀ ସଭ୍ୟ ସଚିବ, ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ(SIDAC ) ଗଣ୍ଡମୁଣ୍ଡା, ଭୁବନେଶ୍ବର-୩୦ ଙ୍କ ସହିତ ଏକ ଚୁକ୍ତିନାମା ସ୍ଵାକ୍ଷର କରିବାକୁ ହେବ ଏବଂ ଏଥିରେ ଥିବା ସର୍ତ୍ତାବଳୀକୁ ପାଳନ କରିବାକୁ ହେବ । ଏହି ଚୁକ୍ତିନାମାର ବ୍ୟତିକ୍ରମ ହେଲେ ଏକ ଚବିଶି ଘଣ୍ଟିଆ ନୋଟିସ ସହିତ ଆବଣ୍ଟନକୁ ରଦ୍ଦ କରାଯିବ। ତତ୍ ସଙ୍ଗେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ପରିଚାଳିତ କୌଣସି କାର୍ଯ୍ୟକ୍ରମରେ ଭାଗନେବା ତଥା ବିଭାଗ ଦ୍ୱାରା ବିଭିନ୍ନ ଯୋଜନାରେ ଦିଆଯାଉଥିବା ସବସିଡି ତଥା ଅନ୍ୟାନ୍ୟ ସୁବିଧାରୁ ଆବଣ୍ଟନ ଗ୍ରାହୀଙ୍କୁ ବଞ୍ଚିତ କରାଯିବ । |

| | |
|---|---|
| ୧୫। | ଷ୍ଟଲକୁ ପୁନଃ ଭଡାରେ ଦେବା କିମ୍ବା ଅନ୍ୟ କାହାକୁ ବଦଳି କରିବା ସଂପୂର୍ଣ୍ଣ ରୂପେ ନିଷିଦ୍ଧ । ଯଦି ଏହା ହୁଏ ତାହେଲେ ଆବଣ୍ଟନ ରଦ୍ଦ କରିଦିଆଯିବ ଏବଂ ତାହା ଚୁକ୍ତିନାମାର ବିରୁଦ୍ଧାଚରାଣ କରୁଛି ବୋଲି ଧରାଯିବ ଏବଂ ସମ୍ପୃକ୍ତ କାରିଗର/ବୁଣାକାରଙ୍କୁ କଳାତାଲିକା ଭୁକ୍ତ କରାଯିବ । |
| ୧୬। | ଷ୍ଟଲ ଆବଣ୍ଟନ ଗ୍ରାହୀ ତାଙ୍କର କାର୍ଯ୍ୟକଳାପ କେବଳ ତାଙ୍କୁ ଦିଆଯାଇଥିବା ଷ୍ଟଲ ସୀମା ମଧ୍ୟରେ ହିଁ ସୀମିତ ରଖିବେ। କୌଣସି ପରିସ୍ଥିତିରେ ମଧ୍ୟ ସେ ଏକାମ୍ର ହାଟର ଅନ୍ୟ କାର୍ଯ୍ୟକଳାପ ଗୁଡିକୁ ପ୍ରତିହତ କରିପାରିବେ ନାହିଁ । |
| ୧୭ । | ଷ୍ଟଲ ଆବଣ୍ଟନଗ୍ରାହୀ ତାଙ୍କର ସାମଗ୍ରୀଗୁଡିକର ଗୁଣାତ୍ମକ ପ୍ୟାକିଙ୍ଗ ପାଇଁ ଯତ୍ନବାନ ହେବେ । |
| ୧୮ । | ଷ୍ଟଲ ଭିତରର ସାଜସଜାରେ ଷ୍ଟଲ ଆବଣ୍ଟନଗ୍ରାହୀଙ୍କ ଦ୍ୱାରା କୌଣସି ପରିବର୍ତ୍ତନକୁ ଅନୁମତି ଦିଆଯିବ ନାହିଁ । |
| ୧୯ । | ଏକାମ୍ର ହାଟ ପରିସରକୁ “ପ୍ଲାଷ୍ଟିକ ମୁକ୍ତଅଞ୍ଚଳ” ଘୋଷଣା କରାଯାଇଛି । ତେଣୁ ଏକାମ୍ର ହାଟ ପରିସରରେ ଷ୍ଟଲ ଅଧିଗ୍ରହଣକାରୀ କୌଣସି ପ୍ଲାଷ୍ଟିକ ବସ୍ତୁ, ଯେମିତି କି ପଲିଥିନ, ପ୍ୟାକିଙ୍ଗ, ପ୍ଲାଷ୍ଟିକ କପ୍ ଓ ଗ୍ଲାସ ଇତ୍ୟାଦି ବ୍ୟବହାର କରିବା ନିଷିଦ୍ଧ ଅଟେ । |
| ୨୦ । | ଷ୍ଟଲ ଅଧିଗ୍ରହଣକାରୀ ନିଜ ଷ୍ଟଲ ସହିତ ଏକାମ୍ର ହାଟକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ସ୍ୱାସ୍ଥ୍ୟକାରୀ ପରିବେଶର ରକ୍ଷଣାବେକ୍ଷଣ ପ୍ରତି ଯତ୍ନବାନ ହେବେ । |
| ୨୧ । | ସିଡ଼ାକ ଦ୍ୱାରା ଷ୍ଟଲ ଆବଣ୍ଟନ ପରେ କାରିଗର/ବୁଣାକାର ମାନଙ୍କ ଷ୍ଟଲ ଓ କଳାକୃତି ଗୁଡିକ ଯୁଗ୍ମ ଭାବରେ ସିଡାକ, ହସ୍ତଶିଳ୍ପ ନିର୍ଦ୍ଦେଶକ ଏବଂ ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ସଭ୍ୟମାନଙ୍କ ଦ୍ୱାରା ଗଠିତ କମିଟି ଦ୍ୱାରା ତଦାରଖ କରାଯିବ । |
| ୨୨ । | ଷ୍ଟଲ ଖୋଲିବା ସମୟ ସକାଳ ୧୦.୦୦ ଘଟିକା ଠାରୁ ରାତ୍ର ୯.୦୦ ଘଟିକା ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯାଇଛି । କୌଣସି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସମୟରେ (ପ୍ରଦର୍ଶନୀ, ଉତ୍ସବ ଇତ୍ୟାଦି) ଏହି ସମୟକୁ କର୍ତ୍ତୃପକ୍ଷଙ୍କ ଅନୁମୋଦନରେ ବଦଳା ଯାଇପାରେ। ତତ୍ ସଙ୍ଗେ ସରକାରଙ୍କ COVID-19 ନିୟମାବଳୀ ଅନୁଯାୟୀ ଖୋଲିବା ସମୟ ପରିବର୍ତ୍ତନଶୀଳ ଅଟେ । |
| ୨୩ । | ଷ୍ଟଲ ଅଧିଗ୍ରହଣ ପୂର୍ବରୁ ସମସ୍ତ ଷ୍ଟଲ ଅଧିଗ୍ରହଣକାରୀଙ୍କୁ ଗୋଟିଏ undertaking ଦେବା ବିଧେୟ । |
| ୨୪ । | **ପୂରଣ ହୋଇଥିବା ଆବେଦନ ପତ୍ର ଏବଂ ଆବଶ୍ୟକୀୟ ଦସ୍ତାବିଜ ତା ୧୩. ୦୧ . ୨୦୨୨ ରିଖ ସନ୍ଧ୍ୟା ୫.୦୦ ସୁଦ୍ଧା ନିଜ ଜିଲ୍ଲାର ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ/ ବୟନ ଶିଳ୍ପ) ଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ ।** |
| ୨୫ । | ସବିଶେଷ ତଥ୍ୟ ଜାଣିବା ନିମନ୍ତେ ଦୟାକରି ଶ୍ରୀ ମାନସ ରଞ୍ଜନ ସେଠୀ, ହସ୍ତଶିଳ୍ପ ବିକାଶ ଅଧିକାରୀ, ସିଡାକ (୯୪୩୮୫ ୬୪୩୭୧) ରେ ସମ୍ପର୍କ କରନ୍ତୁ । |

*****

# <u>ଏକାମ୍ର ହାଟ ଷ୍ଟଲ ବଣ୍ଟନ ପାଇଁ ଆବେଦନ ପତ୍ର</u>

(ଦୟାକରି ଆବେଦନ ପତ୍ର ପୂରଣ ଏବଂ ଦାଖଲ କରିବା ପୂର୍ବରୁ ନିୟମ ଏବଂ ସର୍ତ୍ତାବଳୀଗୁଡିକୁ ଭଲ ଭାବେ ପଢି ନିଅନ୍ତୁ । କୌଣସି ଭୁଲ ବୁଝାମଣା ପାଇଁ କର୍ତ୍ତୁପକ୍ଷ ଦାୟୀ ରହିବେ ନାହିଁ ।

| | | | |
|---|---|---|---|
| ୦୧ | କେଉଁ ଷ୍ଟଲ ପାଇଁ ଆବେଦନ କରୁଛନ୍ତି?<br>(ଦୟାକରି ଉପଯୁକ୍ତକୁ ଠିକ ଚିହ୍ନ ଦିଅନ୍ତୁ ) | : | ହସ୍ତଶିଳ୍ପ/ହସ୍ତତନ୍ତ /କୋଣସ୍ଥାନ |
| ୦୨ | କାରିଗର/ବୁଣାକାର/ସଂସ୍ଥାର ନାମ | | |
| | ନିଜର /ସଂସ୍ଥା ମୁଖ୍ୟ ଙ୍କର ପାସପୋର୍ଟ ସାଇଜ ଫଟୋ ସଂଲଗ୍ନ କରନ୍ତୁ । | : | ପାସପୋର୍ଟ ଫଟୋ |
| ୦୩ | ଯୋଗାଯୋଗ ପାଇଁ ସବିଶେଷ ଠିକଣା | : | |
| ୦୪ | ଇ-ମେଲ (ଯଦି ଥାଏ ) | : | |
| ୦୫ | **<u>ଯୋଗାଯୋଗ ନମ୍ବର</u>**<br>ଲ୍ୟାଣ୍ଡଲାଇନ ନମ୍ବର<br>ମୋବାଇଲ ନମ୍ବର<br>ବିକଳ୍ପ ମୋବାଇଲ ନମ୍ବର/ହ୍ୱାଟ୍ସ୍ଆପ୍ ନଂ. (ଯଦି ଥାଏ ) | : | |
| ୦୬ | ପରିଚୟ ପ୍ରମାଣ ପତ୍ର<br>(ନିମ୍ନ ଲିଖିତ ମଧ୍ୟରୁ ଯେ କୌଣସି ଗୋଟିଏର ନକଲ ସଂଲଗ୍ନ କରନ୍ତୁ ) ଆଧାର/ଭୋଟର ପରିଚୟ ପତ୍ର/ପ୍ୟାନ କାର୍ଡ/ଗାଡି ଚାଳନା ଲାଇସେନ୍ସ /ପାସପୋର୍ଟ ଇତ୍ୟାଦି ) | : | |
| ୦୭ | କାରିଗର/ବୁଣାକାର ପରିଚୟ ପତ୍ର<br>(ଦୟାକରି ନିୟମ ଓ ସର୍ତ୍ତାବଳୀର ୩ ନମ୍ବରରେ ଉଲ୍ଲେଖ କରାଯାଇଥିବା ଅନୁଯାୟୀ ସଂଲଗ୍ନ କରନ୍ତୁ ।)<br>କାରିଗର ଭିନ୍ନକ୍ଷମ ଥିଲେ ଏ ସମ୍ପର୍କିତ ଅତିରିକ୍ତ ପ୍ରମାଣପତ୍ର ସଂଲଗ୍ନ କରନ୍ତୁ । | : | |

| | | | |
|---|---|---|---|
| ୦୮ | ସମ୍ପୃକ୍ତ ଜିଲା କର୍ତ୍ତୃପକ୍ଷଙ୍କ ସୁପାରିଶ ଯଦି ଅଛି, ସୁପାରିଶ ସଂଲଗ୍ନ କରନ୍ତୁ । | : | |
| ୦୯ | ଆପଣ ହସ୍ତଶିଳ୍ପ / ହସ୍ତତନ୍ତରେ କୌଣସି ତାଲିମ ନେଇଛନ୍ତି କି ? (ଯଦି ହଁ, ଦୟାକରି ସବିଶେଷ ତଥ୍ୟ ଏବଂ ପ୍ରମାଣ ପତ୍ର ସଂଲଗ୍ନ କରନ୍ତୁ ।) | : | |
| ୧୦ | ଏକାମ୍ର ହାଟ ଷ୍ଟଲ ବଣ୍ଟନ ପାଇଁ ଚୟନ କରିଥିବା ସମୟ ଅବଧି । [ପାର୍ଶ୍ୱରେ ଦର୍ଶାଯାଇଥିବା ଅବଧିର ଦକ୍ଷିଣ ପାର୍ଶ୍ୱରେ ଥିବା କୋଠରୀରେ ଠିକ୍ ଚିହ୍ନ (✓) ଦିଅନ୍ତୁ । ନିଜ ପସନ୍ଦ ମୁତାବକ ଅତିକମରେ ୧ ଟି ଏବଂ ଅତିବେଶିରେ ୬ ଟି ଚୟନ କରନ୍ତୁ] । | : | ୧) ଅପ୍ରେଲ ଠାରୁ ମେ,୨୦୨୨<br>୨) ଜୁନ୍ ଠାରୁ ଜୁଲାଇ,୨୦୨୨<br>୩) ଅଗଷ୍ଟ ଠାରୁ ସେପ୍ଟେମ୍ବର,୨୦୨୨<br>୪) ଅକ୍ଟୋବର ଠାରୁ ନଭେମ୍ବର,୨୦୨୨<br>୫) ଡିସେମ୍ବର,୨୦୨୨ ଠାରୁ ଜାନୁଆରୀ,୨୦୨୩<br>୬) ଫେବୃଆରୀ ଠାରୁ ମାର୍ଚ୍ଚ, ୨୦୨୩ |
| ୧୧ | ଷ୍ଟଲରେ ବିକ୍ରି ହେବା ହସ୍ତଶିଳ୍ପ କିମ୍ବା ବୁଣା ଶୈଳୀର ନାମ (ଏହାର ୪ ଟି ପୋଷ୍ଟ କାର୍ଡ ସାଇଜ ଫଟୋ ଦରଖାସ୍ତ ସହ ସଂଲଗ୍ନ କରନ୍ତୁ । | : | |
| ୧୨ | ଆପଣ ଉତ୍କଳିକା, ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ, ଅମ୍ଳାନ କିମ୍ବା ଅନ୍ୟ କୌଣସି ବ୍ୟାପାରିକ ସଂସ୍ଥା ସହିତ ତାଲିକାଭୁକ୍ତ ହୋଇଛନ୍ତି କି ? (ଯଦି ହଁ, ଦୟାକରି ସବିଶେଷ ତଥ୍ୟ ଏବଂ ପ୍ରମାଣ ପତ୍ର ସଂଲଗ୍ନ କରନ୍ତୁ ।) | : | |
| ୧୩ | ପ୍ରଦର୍ଶନୀରେ ଅଂଶଗ୍ରହଣ ପୂର୍ବ ଅଭିଜ୍ଞତା (ଦୟାକରି ଉପଯୁକ୍ତକୁ ଠିକ ଚିହ୍ନ ଦିଅନ୍ତୁ ) | : | ସ୍ଥାନୀୟ / ଜିଲ୍ଲା ସ୍ତରୀୟ / ରାଜ୍ୟ ସ୍ତରୀୟ / ଜାତୀୟ ସ୍ତରୀୟ |
| ୧୪ | ବିଗତ ଏକବର୍ଷ ମଧ୍ୟରେ ଏକାମ୍ର ହାଟରେ ଷ୍ଟଲ ପାଇଛନ୍ତି କି ? ଯଦି ହଁ କେଉଁ ସମୟରେ ? | : | ହଁ / ନା |
| ୧୫ | ବିକ୍ରୟ ଉଦ୍ଦେଶ୍ୟରେ କିଏ ଷ୍ଟଲରେ ଉପସ୍ଥିତ ରହିବେ ? (ଦୟାକରି ତାଙ୍କ ନାମ, ଫଟୋ ଓ ଯୋଗାଯୋଗ ନମ୍ବର ପ୍ରଦାନ କରନ୍ତୁ ) | : | |

## ସ୍ୱୀକାରୋକ୍ତି

ମୁଁ ଏକାମ୍ର ହାଟ କର୍ତ୍ତୃପକ୍ଷଙ୍କ ସମସ୍ତ ନିୟମ ଏବଂ ସର୍ତ୍ତାବଳୀଗୁଡିକୁ ପଢି, ବୁଝି ଏହାକୁ ମାନିବାକୁ ରାଜି ଅଟେ । ମୋ ଦ୍ୱାରା ଉପରୋକ୍ତ ପ୍ରଦତ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ; ଏଥିରେ ମିଥ୍ୟା ପ୍ରମାଣିତ ହେଲେ କିମ୍ବା ନିର୍ଦ୍ଦେଶାବଳୀର ଉଲଂଘନ ହେଲେ କର୍ତ୍ତୃପକ୍ଷ ମୋତେ ଷ୍ଟଲ ଆବଣ୍ଟନରୁ ବଞ୍ଚିତ କରିପାରିବେ । ଏଥିରେ ମୋର କୌଣସି ଆପତ୍ତି ରହିବ ନାହିଁ ।

ତାରିଖ:_______________ (ଆବେଦନକାରୀଙ୍କ ଦସ୍ତଖତ)

ସ୍ଥାନ : _______________